# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 December - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଗତ ଦେଢ଼ ବର୍ଷ ମଧ୍ୟରେ ୧୦ ଲକ୍ଷ ସରକାରୀ ଚାକିରି ସୃଷ୍ଟି ହୋଇଛି; କହିଲେ ପ୍ରଧାନମନ୍ତ୍ରୀ

– ଆଭାସୀ ଜରିଆରେ ୭୧ ହଜାରରୁ ଊର୍ଦ୍ଧ୍ୱଙ୍କୁ ବଣ୍ଟନ କଲେ ନିଯୁକ୍ତିପତ୍ର

- ରାଜ୍ୟରେ ଆସନ୍ତା ତିନି ଦିନ ମଧ୍ୟରେ ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

- ରାଜ୍ୟର ତିନୋଟି ସ୍ଥାନରେ ନୂତନ ଡପଲର୍ ରାଡାର୍ ସ୍ଥାପନ କରାଯିବା ନେଇ ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ

- ଦେଶ ବିକାଶରେ କୃଷକଙ୍କ ଅବଦାନକୁ ସମ୍ମାନ ଜଣାଇ ଆଜି ପାଳନ କରାଯାଉଛି ଜାତୀୟ କୃଷକ ଦିବସ

ଏବଂ

- ସୁଦୃଢ଼ ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

*GNR*

# ପି.ଏମ୍. - ନିଯୁକ୍ତିପତ୍ର

ଦେଶର ଯୁବବର୍ଗଙ୍କ ପାଇଁ ଗତ ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ୧୦ ଲକ୍ଷ ସରକାରୀ ଚାକିରି ସୃଷ୍ଟି କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆଜି ୭୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ମନ୍ତ୍ରଣାଳୟ ବିଭାଗ ତଥା ସଂସ୍ଥାରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଅଭିଯାନ ଜାରି ରହିଛି। ଗୋଟିଏ ଦେଶର ବିକାଶ ଯୁବଶକ୍ତିର ଶ୍ରମ, ସାମର୍ଥ୍ୟ ଓ ନେତୃତ୍ୱ ଉପରେ ନିର୍ଭର କରେ। ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସଂକଳ୍ପକୁ ପୂରଣ କରିବାରେ ଯୁବପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ସୂଚନା ଅନୁସାରେ, ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳା ଅନୁଷ୍ଠିତ ହୋଇଛି । ନବନିଯୁକ୍ତମାନେ କେନ୍ଦ୍ର ଗୃହ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭାଗରେ ନିଯୁକ୍ତି ପାଇଛନ୍ତି।

*BBSR/R*

# ଅଦିନିଆ ବର୍ଷା କ୍ଷୟକ୍ଷତି ଆକଳନ

ରାଜ୍ୟରେ ଆସନ୍ତା ତିନି ଦିନ ମଧ୍ୟରେ ଅଦିନିଆ ବର୍ଷା କ୍ଷୟକ୍ଷତି ଆକଳନ ଶେଷ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି, କ୍ଷୟକ୍ଷତି ଆକଳନ ପରେ ଚାଷୀମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ଏଥିପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଫସଲବୀମା ଅଧୀନରେ ପଞ୍ଜିକୃତ ଚାଷୀମାନେ ଏହି ସହାୟତା ପାଇବେ। ସମ୍ପୂର୍ଣ୍ଣ ନଷ୍ଟ ହୋଇ ନ ଥିବା ଧାନ ବିକ୍ରି ଲାଗି ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତିର ପରିମାଣ ଅଧିକ ରହିଛି।

*Desk*

# କୃଷି ରକ୍ଷକ ପୋଟାଲ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନେ ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ କ୍ଷୟକ୍ଷତି ସମ୍ପର୍କରେ କୃଷି ରକ୍ଷକ ପୋଟାଲରେ ସୂଚନା ଦେବାକୁ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଅନୁରୋଧ କରାଯାଇଛି । ଚାଷୀମାନେ ହେଲପଲାଇନ ନମ୍ବର ୧୪୪୪୭ରେ ମଧ୍ୟ ସୂଚନା ଦେଇପାରିବେ । ରାଜ୍ୟରେ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଫସଲ ବୀମା ଯୋଜନାରେ ପଞ୍ଜୀକରଣ କରିଥିବା ଜଣାପଡିଛି ।

*Desk*

## ଡପଲର୍ ରାଡାର ସ୍ଥାପନ

ରାଜ୍ୟରେ ଆଉ ତିନୋଟି ସ୍ଥାନରେ ଡପଲର୍ ରାଡାର ସ୍ଥାପନ କରାଯିବ। ଏ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁରରେ ଏହି ନୂତନ ଡପଲର୍ ରାଡାର୍ ସ୍ଥାପନ କରାଯିବ। ପୂର୍ବରୁ ପାରାଦ୍ୱୀପ ଏବଂ ଗୋପାଳପୁରରେ ଏହି ରାଡାର ରହିଛି। ଏହାଦ୍ୱାରା ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ଆକଳନ କରାଯାଇପାରିବ। ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଦେଶରେ ଏବେ ୭୩ଟି ଡପଲର୍ ରାଡାର୍ ରହିଛି। ଆସନ୍ତା ୨୦୨୬ ସୁଦ୍ଧା ଏହାକୁ ୧୨୬କୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

*PIB*

## ଆୟୁଷ୍ମାନ ଭାରତ ଯୋଜନା

ଦେଶରେ ଗତ ୧୭ ତାରିଖ ସୁଦ୍ଧା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ପି.ଏମ୍.ଜେ.ଏ.ୱାଇ) ରେ ୩୬ କୋଟି ୨୮ ଲକ୍ଷରୁ ଅଧିକ ଆୟୁଷ୍ମାନ କାର୍ଡ ଜାରି କରାଯାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଦେଶର ୩୦ ହଜାର ୯୩୨ଟି ହସ୍ପିଟାଲରେ ପି.ଏମ୍.ଜେ.ଏ.ୱାଇ କାର୍ଯ୍ୟକ୍ଷମ ହେଉଛି। ସେହିଭଳି ଗତ ୨୨ ତାରିଖ ସୁଦ୍ଧା ୭୧ କୋଟି ୮୧ ଲକ୍ଷ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ

ଆକାଉଣ୍ଟ– ଆଭା ନମ୍ବର ସୃଷ୍ଟି ହୋଇଛି । ଚଳିତ ବର୍ଷ ମିଶନ ଇନ୍ଦ୍ରଧନୁଶର ସମସ୍ତ ପର୍ଯ୍ୟାୟରେ ୫ କୋଟି ୪୬ ଲକ୍ଷ ଶିଶୁ ଓ ୧ କୋଟି ୩୨ ଲକ୍ଷ ଗର୍ଭବତୀଙ୍କ ଟୀକାକରଣ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ।

***Desk***

## ମୁଖ୍ୟମନ୍ତ୍ରୀ - ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା । ପରବର୍ତ୍ତୀ ଜନ ଅଭିଯୋଗ ଶୁଣାଣି ନେଇ ତାରିଖ ସ୍ଥିର ହେଲେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## କୃଷକ ଦିବସ

ଦେଶ ବିକାଶରେ କୃଷକଙ୍କ ଅବଦାନକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଜି ସମଗ୍ର ଦେଶରେ ଜାତୀୟ କୃଷକ ଦିବସ ପାଳନ କରାଯାଉଛି । ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ତ୍ୱରାନ୍ୱିତ ତଥା କୃଷି ଐତିହ୍ୟକୁ ସଂରକ୍ଷିତ ରଖିବାରେ କୃଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମାଜର ବିଭିନ୍ନ ବର୍ଗରେ ସ୍ମରଣ କରାଯାଉଛି । ଦେଶରେ କୃଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି ସରକାର ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ତଥା ସ୍ଥାୟୀ କୃଷି ଅଭିବୃଦ୍ଧିକୁ ସୁନିଶ୍ଚିତ

କରିବା ଲକ୍ଷ୍ୟରେ ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପଦକ୍ଷେପ ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି, ପ୍ରଧାନମବୀ ଫସଲ ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ କିଶାନ ମାନ-ଧନ ଯୋଜନା ଆଦି ଅନ୍ତର୍ଭୁକ୍ତ । ଏଥିରେ କୃଷକଙ୍କର ଆର୍ଥିକ ସୁରକ୍ଷା, କୃଷି କ୍ଷେତ୍ରରେ ଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ଏବଂ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି । ଚଳିତବର୍ଷ ଦେଶରେ ରେକର୍ଡ ପରିମାଣ ୩୩୨ ଦଶମିକ ୨ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦିତ ହୋଇଛି ।

***Desk***

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ମୃତିଚାରଣ

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ନେତା ଚୌଧୁରୀ ଚରଣ ସିଂଙ୍କ ଜୟନ୍ତୀ ଅବସରରେ ଆଜି ରାଜ୍ୟପାଳ ରଘୁବର ଦାସ ତାଙ୍କ ସ୍ମୃତିଚାରଣ କରିଛନ୍ତି । ରାଜ୍ୟପାଳ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, କୃଷି ଓ କୃଷକଙ୍କ ପାଇଁ ଶ୍ରୀ ସିଂ ନିଜ ଜୀବନ ସମର୍ପିତ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଚୌଧୁରୀ ଚରଣ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି, ମହାନ୍ କୃଷକ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଦେଶର କୃଷକଙ୍କ ସଶକ୍ତୀକରଣ କ୍ଷେତ୍ରରେ ଅବିସ୍ମରଣୀୟ ଅବଦାନ ରହିଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଶ୍ରୀ ସିଂଙ୍କ

ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଦୂରଦର୍ଶୀ ନୀତି ଓ ଦୃଢ଼ ସଂକଳ୍ପ ଦେଶର କୃଷିକୁ ସୁଦୃଢ଼ ଆଧାର ପ୍ରଦାନ କରିଥିଲା ବୋଲି ଉଲ୍ଲେଖ କରିଛନ୍ତି ।

***Puri/R***

# ଯକ୍ଷ୍ମା ନିରାକରଣ

ଦେଶରୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ଏହାକୁ ସଫଳ କରିବା ପାଇଁ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ **ପୁରୀ** ଜିଲ୍ଲାରେ ଆରମ୍ଭ ହୋଇଛି । ଜିଲ୍ଲାରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ ପାଇଁ ତୃଣମୂଳ ସ୍ତରରେ ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଇଛି । ଜିଲ୍ଲାରେ ବର୍ତ୍ତମାନ ୬୧୯ ଜଣ ଯକ୍ଷ୍ମାରୋଗୀ ଚିକିତ୍ସିତ ହେଉଛନ୍ତି । ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗତ ୨୦୨୨ ମସିହାରୁ ପୁରୀ ଜିଲ୍ଲା ରାଜ୍ୟସ୍ତରରେ ରୌପ୍ୟ ପଦକ ହାସଲ କରିଥିଲା । ଏ ସମ୍ପର୍କରେ ଜିଲ୍ଲା ଯକ୍ଷ୍ମା ନିରାକରଣ କେନ୍ଦ୍ରର ମୁଖ୍ୟ ତଥା ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲଳିତେନ୍ଦୁ ମିଶ୍ର ଆକାଶବାଣୀକୁ କହିଛନ୍ତି :

***Voice :..................***

***Nabarangpur***

# ଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଠାରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୩୩ଟି ଅଭିଯୋଗ ଶୁଣାଣି କରାଯାଇଛି। ୮ ଜଣଙ୍କୁ ପେନସନ୍ ଏବଂ ଦୁଇ ଜଣଙ୍କୁ ହ୍ଵିଲ୍‌ଚେୟାର ପ୍ରଦାନ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗ ପଦାଧିକାରୀ ଉପସ୍ଥିତ ଥିଲେ।

***Boudh***

## ସୁଶାସନ ସପ୍ତାହ

ବୌଦ୍ଧ ଜିଲ୍ଲାରେ ସୁଶାସନ ସପ୍ତାହ ପାଳନ ଅବସରରେ କଣ୍ଟାମାଳ' ଖଟଖଟିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଏଥିରେ ଯୋଗଦେଇ ଗ୍ରାମାଞ୍ଚଳ ଲୋକଙ୍କର ସମସ୍ୟାକୁ ସମାଧାନ କରିବା ଲକ୍ଷ୍ୟରେ କ୍ଷେତ୍ରୀୟ ପରିଦର୍ଶନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି କର୍ମଶାଳାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭାଗୀୟ ଜିଲ୍ଲାସ୍ତରୀୟ ପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ।

***HS***

## ଜାତୀୟସ୍ତରୀୟ ସାଧାରଣତନ୍ତ୍ର ଦିବସ

ଜାତୀୟସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଭାଗ ନେବା ପାଇଁ ଓଡ଼ିଶାରୁ ୧୨୭ ଜଣ ଛାତ୍ରଛାତ୍ରୀ ଦିଲ୍ଲୀ ଯିବେ ବୋଲି ଜଣାପଡ଼ିଛି।

ଏଥିପାଇଁ ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ସୈନିକ ସ୍କୁଲରେ ଫୁଲ୍ ଡ୍ରେସ୍ ରିହଲସଲ୍ କରୁଛନ୍ତି ।

***Boudh***

## ସଚେତନତା ରଥ

ଜଳର ସଠିକ୍ ପରିଚାଳନା ଏବଂ ବିନିଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ପାଣି ପଞ୍ଚାୟତ ପକ୍ଷରୁ ପାଳନ କରାଯାଉଛି । ଏହି ଅବସରରେ ବୌଦ୍ଧଠାରେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି । ଆସନ୍ତା ମାସ ୨୯ ତାରିଖ ପର୍ଯ୍ୟନ୍ତ ଏହି ରଥ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଅଞ୍ଚଳକୁ ଯାଇ ଜଳର ପରିଚାଳନା ଏବଂ ବିନିଯୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିବ ।

***HS***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି । ଏହା ପ୍ରଭାବରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି ଏବଂ

ରାୟଗଡ଼ା ଜିଲ୍ଲାରେ ମଧ୍ୟମଧରଣର ବର୍ଷା ହେବା ନେଇ ଆକଳନ କରାଯାଇଛି । ଏହା ବ୍ୟତୀତ ଅନ୍ୟ ୯ଟି ଜିଲ୍ଲା ସାମାନ୍ୟରୁ ମଧ୍ୟମଧରଣର ବର୍ଷା ହୋଇପାରେ । ଆସନ୍ତା ୩ ଦିନ ପରେ ଶୀତର ପ୍ରକୋପ ପୁଣି ବଢ଼ିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।